# ଶ୍ରେଣୀରେ ପ୍ରଥମ ହେଲା ପରେ ବି କପି ?

1/7/2021

**ଆମ ଘରର ହାଲଚାଲ**

**ସୌମ୍ୟରଂଜନ ପଟ୍ଟନାୟକ**

ସ୍ୱାଧୀନତା ପରର ରାଜନୈତିକ ଇତିହାସରେ ନବୀନ ପଟ୍ଟନାୟକଙ୍କ ନାମ ଏକ ଅଦ୍ଭୁତ ସଫଳ କାହାଣୀର ନାୟକ ଭାବେ ଲିପିବଦ୍ଧ ହୋଇ ରହିବ। ପ୍ରାୟ ୨୫ ବର୍ଷ ତଳେ ରାଜନୀତିରେ ସମ୍ପୂର୍ଣ୍ଣ ଅପରିଚିତ ଜଣେ ବ୍ୟକ୍ତି ପିତାଙ୍କ ମୃତ୍ୟୁ ପରେ ଦଳକୁ ବଞ୍ଚାଇବା ପାଇଁ ଅନିଚ୍ଛା ସତ୍ତ୍ୱେ ରାଜନୀତିରେ ଯୋଗ ଦେବାକୁ ଏକରକମ ବାଧ୍ୟ ହୁଅନ୍ତି। ପିତାଙ୍କ ଜାଗାରେ ଜନତା ଦଳର ସାଂସଦ ହେବାର ଗୌରବ ଅର୍ଜନ କରି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ମଧ୍ୟ ସ୍ଥାନ ପାଆନ୍ତି। ପରେ ବିଜୁ ଜନତା ଦଳ ଗଠନ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ପାଆନ୍ତି। ଏହାପରେ ସେ ଆଉ ପଛକୁ ଚାହିଁ ନାହାନ୍ତି। ଆଜି ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଓଡ଼ିଶାର ଶାସନ କ୍ଷମତାରେ ଅଛନ୍ତି। ଲକ୍ଷ୍ୟ କରିବାର କଥା, ପ୍ରତିଥର ସେ ପୂର୍ବ ନିର୍ବାଚନ ଅପେକ୍ଷା ଅଧିକ ଜନ ସମର୍ଥନ ପାଇ କ୍ଷମତା ହାସଲ କରୁଛନ୍ତି। ନବୀନବାବୁଙ୍କର ଏଭଳି ସଫଳତାକୁ ତାଙ୍କର ପରମ ଶତ୍ରୁମାନେ ମଧ୍ୟ ସ୍ୱୀକାର କରିବାକୁ ବାଧ୍ୟ ହେଉଛନ୍ତି। ସ୍ୱାଧୀନ ଭାରତର ରାଜନୈତିକ ଇତିହାସରେ ଏଭଳି ସଫଳତା ଆଉ କାହାରିକୁ ମିଳିନାହିଁ। ଏହା ନିଶ୍ଚିତ ଭାବେ ଏକ ଅଲୌକିକ ସଫଳତାର ମାନ୍ୟତା ପାଇବାକୁ ଯାଉଛି। କେବଳ ଓଡ଼ିଶାରେ ନୁହେଁ, ସାରା ଭାରତରେ ଏବଂ ବିଶ୍ୱ ଦରବାରରେ ଏଭଳି ସଫଳତାକୁ କେବଳ ମାନ୍ୟତା ମିଳିନାହିଁ, ଏହି ସଫଳତାର ରହସ୍ୟ ସମ୍ପର୍କରେ ବିଭିନ୍ନ ସ୍ତରରେ ତର୍ଜମା ଆରମ୍ଭ ହେଲାଣି। ଦେଶ ବିଦେଶର ଗଣମାଧ୍ୟମ ଏବଂ ଜନମତ ସଂଗ୍ରହକାରୀ ସଂସ୍ଥାଗୁଡ଼ିକ ଭୋଟ୍‌ଦାତାଙ୍କର ମନର କଥାକୁ ଯେତେବେଳେ ଆକଳନ କରୁଛନ୍ତି, ସେତେବେଳେ ନବୀନବାବୁ ମୁଖ୍ୟମନ୍ତ୍ରୀ ହିସାବରେ ସବୁଠାରୁ ଆଗରେ ରହୁଛନ୍ତି। ନିକଟରେ ଭାରତର ମୁଖ୍ୟମନ୍ତ୍ରୀମାନଙ୍କ ମଧ୍ୟରେ ସେ ଏକ ନମ୍ବର ବୋଲି ବିନା ବିବାଦରେ ବିବେଚିତ ହୋଇଛନ୍ତି।

ନବୀନବାବୁଙ୍କ ସଫଳତାର କିଛି ଉଲ୍ଲେଖନୀୟ ଦିଗଗୁଡ଼ିକୁ ଦର୍ଶାଇ କୁହାଯାଉଛି ଯେ ସେ ଅନାହାର ବିରୋଧରେ ସଂଗ୍ରାମ କରି କେବଳ ଜୟଯୁକ୍ତ ହୋଇନାହାନ୍ତି, ବାତ୍ୟା, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରି ଓଡ଼ିଶାକୁ ଏକ ନୂଆ ପରିଚୟ ଦେଇଛନ୍ତି। ମିଳିତ ଜାତିସଂଘ ମଧ୍ୟ ନବୀନବାବୁଙ୍କର ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବାର ସାହସ ଓ କୌଶଳର ଭୂୟସୀ ପ୍ରଶଂସା କରିଛନ୍ତି। ସମ୍ପ୍ରତି କରୋନା ମହାମାରୀର ସଫଳ ମୁକାବିଲା କରି ସେ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରି ପ୍ରଶଂସିତ ହୋଇଛନ୍ତି। ନବୀନବାବୁଙ୍କର ରାଜନୈତିକ ସଫଳତାର କାହାଣୀ ବେଶ୍ ଲମ୍ବା। ଆଜିର ଆଲୋଚ୍ୟ ପ୍ରସଙ୍ଗ ପାଇଁ ଉଦ୍ଦିଷ୍ଟ ସ୍ଥାନଟି ପୂର୍ଣ୍ଣାଙ୍ଗ ବିବରଣୀ ଦେବାପାଇଁ ନିଅଣ୍ଟ ପଡୁଛି।

ତେବେ ଆମ ମନକୁ ଯେଉଁ କଥାଟି ଆନ୍ଦୋଳିତ କରୁଛି, ତାହା ହେଲା ଶ୍ରେଣୀରେ ପ୍ରଥମ ହେଲେ ମେଧାବୀ ଛାତ୍ରଟି ଉପରେ ଯେଉଁ ପ୍ରକାର ଚାପ ପଡ଼େ ନବୀନବାବୁଙ୍କ ଉପରେ ତାହା ପଡୁନାହିଁ ତ? ମେଧାବୀ ଛାତ୍ରଟି ଶ୍ରେଣୀରେ ଥରେ ପ୍ରଥମ ହେଲେ ତା' ପାଇଁ ଆଉ ଦ୍ୱିତୀୟ ହେବାର ଅବକାଶ ରହେନାହିଁ। ସେ ବାରମ୍ବାର ପ୍ରଥମ ହେବାକୁ ଚାହେଁ ଏବଂ ସେହି ଚାପରେ ଯତ୍‌ପରୋନାସ୍ତି ଉଦ୍ୟମ କରେ। ସେ ନିର୍ବାଚନରେ ଜିତିବାର କଥା ହେଉ କିମ୍ବା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ହେଉ, ସବୁଥିରେ ପ୍ରଥମ ହେବାକୁ ଚାହେଁ। ଏ ପ୍ରକାର ଆଭିମୁଖ୍ୟ ପ୍ରତିଯୋଗିତାମୂଳକ ବ୍ୟବସ୍ଥାରେ ଯେତେ ସ୍ପୃହଣୀୟ ହେଲେ ମଧ୍ୟ ମାତ୍ରାଧିକ ଚାପରେ ଆମେ ଏପରି କିଛି କାର୍ଯ୍ୟ କରିବସୁ ଯାହା ଚନ୍ଦ୍ରରେ କଳଙ୍କ ପରି ହୋଇଯାଏ। ନବୀନବାବୁଙ୍କର କୋଭିଡ୍ ମୁକାବିଲାର ରଣକୌଶଳ କିଛି ପରିମାଣରେ ଏପରି ହୋଇଗଲାପରି ମନେହେଉଛି। ସାରା ଦେଶରେ ଯେତେବେଳେ କୋଭିଡ୍‌ର ପ୍ରଥମ ଲହର ଆରମ୍ଭ ହେଲା, ଓଡ଼ିଶା ସବୁ ପଦକ୍ଷେପ ନେବାରେ ଆଗୁଆ ରହିଲା। ଆମକୁ ତାହାର ସୁଫଳ ମଧ୍ୟ ମିଳିଲା। ଦ୍ୱିତୀୟ ଲହର ବେଳକୁ ମହାମାରୀର ଭୟାବହତା ପୂର୍ବାପେକ୍ଷା ଅଧିକ ହେଲା ଏବଂ ତାହା ବର୍ତ୍ତମାନ ଆମେ ଊଣା ଅଧିକେ ଅଙ୍ଗେ ନିଭାଉଛେ। ତେବେ ସବୁ ରାଜ୍ୟମାନଙ୍କର ଅବସ୍ଥା ସହିତ ଓଡ଼ିଶାକୁ ତୁଳନା କଲେ ଆମେ ଅନ୍ୟମାନଙ୍କଠାରୁ ଅପେକ୍ଷାକୃତ ଭଲରେ ଅଛୁ। ଏହାକୁ ସମସ୍ତେ ସ୍ୱୀକାର କରୁଛନ୍ତି। କୋଭିଡ୍ ମହାମାରୀର ପରିଚାଳନାକୁ ନେଇ ଖୋଦ୍ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସରକାର ନାନା ସମାଲୋଚନାର ଶିକାର ହୋଇ ଅଡୁଆରେ ପଡ଼ିଛନ୍ତି। କୋଭିଡ୍ ମହାମାରୀର ଯେଉଁ କଥାଟି ସରକାରମାନଙ୍କୁ ଅଡୁଆରେ ପକାଇଛି ତାହା ହେଲା କୋଭିଡ୍‌ଜନିତ ମୃତ୍ୟୁର ଅସଲ ସଂଖ୍ୟା। ସର୍ବୋଚ୍ଚ ନ୍ୟାୟାଳୟ କୋଭିଡ୍ ମୃତକଙ୍କ ସଂଖ୍ୟା ଠିକ୍ ଭାବେ ପଞ୍ଜୀକୃତ ହେବା ଉଚିତ ବୋଲି ମତ ଦେବା ପରେ ଓଡ଼ିଶାର ଉଚ୍ଚନ୍ୟାୟାଳୟ ମଧ୍ୟ ଏକ ଜନସ୍ୱାର୍ଥ ମାମଲାର ବିଚାର କରି ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ଠିକ୍ ଏହି ସମୟରେ କେତେକ ପ୍ରଶାସନିକ ତ୍ରୁଟି ଓ ଅବହେଳା ଯୋଗୁଁ ଓଡ଼ିଶାର ମୃତକଙ୍କ ସଂଖ୍ୟାକୁ ନେଇ ବିବାଦ ମୁଣ୍ଡ ଟେକିଲାଣି। ସ୍ୱାଭାବିକ ଭାବରେ ନବୀନ ସରକାର ଅଡୁଆରେ ପଡୁଛନ୍ତି। ଏ ସମ୍ପର୍କରେ ଏକ ପୂରାପୃଷ୍ଠାର ତଥ୍ୟଭିତ୍ତିକ ରିପୋର୍ଟ ଆଜି ଏହି ସମ୍ବାଦପତ୍ରରେ ପ୍ରକାଶ ପାଇଛି। ତାକୁ ଅନୁଧ୍ୟାନ କଲେ ଯେ କେହି ଅନୁଭବ କରିପାରିବ ଯେ କଳେବଳେ କୌଶଳେ ଶ୍ରେଣୀରେ ପ୍ରଥମ ହେବାର ନିଶା ଓ ଅତୀତ ସଫଳତାର ଅହଙ୍କାର ଏହି ତ୍ରୁଟି ପାଇଁ ଦାୟୀ।

ଓଡ଼ିଶାରେ ନବୀନବାବୁଙ୍କର ପରିଚାଳନା ଶୈଳୀକୁ କେହି କେବେ ପ୍ରଶ୍ନ କରିବାକୁ ସାହସ କରିନଥିଲେ। ଆମ ବିଚାରରେ ଏହାର କୌଣସି କାରଣ ବି ନଥିଲା। ହୁଏତ ପ୍ରଥମ ଲହର ସମୟରେ ସାଧାରଣ ଜନତାଙ୍କ ମଧ୍ୟରେ ଭୟର ବାତାବରଣକୁ ଦୂରେଇ ରଖି ଆତ୍ମବିଶ୍ୱାସକୁ ବଢ଼ାଇବା ପାଇଁ ମୃତ୍ୟୁସଂଖ୍ୟାକୁ କମ୍ କରି ଦେଖାଯାଉଥିବା କଥାକୁ ଏକ ସାମୟିକ କୌଶଳ ଭାବେ ଗ୍ରହଣ କରାଯାଇଥାଇ ପାରେ। କିନ୍ତୁ ଅନ୍ୟପକ୍ଷରେ ସାରା ଦେଶର ପରିସଂଖ୍ୟାନକୁ ଦୃଷ୍ଟିରେ ରଖିଲେ ଆମ ରାଜ୍ୟର ମୃତ୍ୟୁସଂଖ୍ୟା ଆମ ଜନସଂଖ୍ୟା ଅନୁପାତରେ ଯଥେଷ୍ଟ କମ୍ ଥିଲା। ଏବେ ଯେଉଁ ସଂଖ୍ୟା ସବୁ ପଦାକୁ ଆସୁଛି ତାକୁ ଯଦି ସାମଗ୍ରିକ ଭାବେ ବିଚାର କରାଯାଏ ସମଗ୍ର ଦେଶର ମୃତ୍ୟୁସଂଖ୍ୟା ତୁଳନାରେ ତାହା ମଧ୍ୟ ଯଥେଷ୍ଟ କମ୍ ହେବ। ତେଣୁ ସତ ମୃତ୍ୟୁ ସଂଖ୍ୟାଟିକୁ କହିଦେଇଥିଲେ ଆମର ବିଶେଷ କିଛି କ୍ଷତି ହେବାର ନଥିଲା; ବରଂ ତାକୁ ଲୁଚାଇବାକୁ ଯାଇ ପ୍ରଶାସନ ଯେଉଁ ଗୁରୁଚଣ୍ଡାଳ ଦୋଷ ସବୁ କରିଛି ତାହା ଶାସନର ମର୍ଯ୍ୟାଦାକୁ ନଷ୍ଟ କରୁଛି। ପୁଣି ଲକ୍ଷ୍ୟ କରିବାର କଥା ଯେ ପ୍ରଶାସନର ଗୁରୁଚଣ୍ଡାଳ ଦୋଷଗୁଡ଼ିକ ସରକାରଙ୍କର କେତେକ ଅଭିନବ ଯୋଜନା ଯୋଗୁଁ ହିଁ ଲୋକଲୋଚନକୁ ଆସିଲା। କୋଭିଡ୍ ମହାମାରୀରେ ଅନାଥ ହୋଇଥିବା ଶିଶୁମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବିଶେଷ ସୁବିଧା ଦେବାର ଯୋଜନା ସରକାରଙ୍କର ତ୍ରୁଟିକୁ ଧରାଇ ଦେଲା। ପ୍ରଶାସନରେ ବାମ ହାତ କ'ଣ କରୁଛି ଡାହାଣ ହାତ ଜାଣୁନାହିଁ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ କେତେ ଅବଗତ ଅଛନ୍ତି ଆମେ ଜାଣୁନା। ନବୀନବାବୁଙ୍କର କାର୍ଯ୍ୟଶୈଳୀ ମଧ୍ୟ ଭିନ୍ନ ପ୍ରକାରର। ସେ ଅନ୍ୟ ରାଜନେତାଙ୍କ ଭଳି କର୍ମୀ ଓ ଜନଗଣଙ୍କ ଗହଳିରେ ରହିବାକୁ ବେଶି ପସନ୍ଦ କରନ୍ତି ନାହିଁ। ହାତଗଣତି କେତେଜଣ ରାଜନୈତିକ ଅନୁଗାମୀ ଓ ପ୍ରଶାସକଙ୍କ ସହାୟତାରେ ସେ କାର୍ଯ୍ୟ କରିବାକୁ ଅଧିକ ପସନ୍ଦ କରନ୍ତି। କରୋନା ମହାମାରୀ କଟକଣା ଯୋଗୁଁ ଏହା ଏବେ ଆହୁରି ଅଧିକ ସୀମିତ ହୋଇଯାଇଛି। ଏହା ଏକ ରାଜନୈତିକ କୌଶଳ ହୋଇପାରେ ଏବଂ ନବୀନବାବୁଙ୍କର ଅଲୌକିକ ସଫଳତାର ଏହା ପ୍ରମୁଖ କାରଣ ମଧ୍ୟ ହୋଇପାରେ। କିନ୍ତୁ ମୃତ୍ୟୁ ଜୀବନର ଏକମାତ୍ର ସତ୍ୟ। ସତ୍ୟକୁ ବେଶିଦିନ ଲୁଚାଇ ରଖାଯାଇ ପାରେନା। ଦିନେ ନା ଦିନେ ଏହା ପଦାକୁ ଆସିବ। ତେଣୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର କୋଭିଡ୍ ମୃତକଙ୍କ ସମ୍ପର୍କରେ ଏକ ଶ୍ୱେତପତ୍ର ପ୍ରକାଶ କରି ନିଜର ସାହସର ପରିଚୟ ଦିଅନ୍ତୁ। ଓଡ଼ିଶାବାସୀ ତାଙ୍କୁ ଆହୁରି ଅଧିକ ଭଲ ପାଇବେ।

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଖରେ ଏ ସମ୍ପର୍କରେ ପ୍ରକୃତ ତଥ୍ୟ ପହଞ୍ଚୁଛି କି ନାହିଁ ଜଣାନାହିଁ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ତାଙ୍କ ନିକଟରେ ଏ କଥାକୁ ପହଞ୍ଚାଇବାର ଦାୟିତ୍ୱ ଗଣମାଧ୍ୟମର ବୋଲି ଆମେ ମନେକରୁ। ଅତୀତରେ ଏହି ସ୍ତମ୍ଭରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା କରି ଆମେ ତୃତୀୟ ନୟନର କଥା କହିଥିଲୁ। ମୁଖ୍ୟମନ୍ତ୍ରୀଙ୍କ ପାଇଁ ଗଣମାଧ୍ୟମ ତୃତୀୟ ନୟନ ହେବା ଦରକାର। ଦଳର କର୍ମୀମାନେ ତାଙ୍କୁ ଯାହା କହିବାର ସୁଯୋଗ ପାଉନାହାନ୍ତି କିମ୍ବା ପ୍ରଶାସକମାନେ ତାଙ୍କଠାରୁ ଯାହା ଲୁଚାଇ ରଖିବାକୁ ଚାହୁଁଛନ୍ତି, ଗଣମାଧ୍ୟମ ତୃତୀୟ ନୟନ ହୋଇ ତାଙ୍କୁ ତାହା ଜଣାଇବ। ଅପ୍ରିୟ ସତ୍ୟ ଓ ସମାଲୋଚନାକୁ ଶୁଣିବାକୁ ଅଭ୍ୟାସ କଲେ ଜଣେ ଅଧିକ ସ୍ୱଚ୍ଛ ଓ ସାହସୀ ହୋଇଥାଏ। ସେଥିପାଇଁ ଜଣେ ସନ୍ଥ କହିଥିଲେ ଯେ ''ନିନ୍ଦୁକମାନଙ୍କୁ ସଦାବେଳେ ପାଖରେ ରଖିବା ଉଚିତ। କାରଣ ସେମାନେ ବିନା ସାବୁନ ଏବଂ ପାଣିରେ ସ୍ୱଭାବକୁ ନିର୍ମଳ କରିବାରେ ସାହାଯ୍ୟ କରନ୍ତି।''